୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday September 25 ଭୁବନେଶ୍ୱର ଗୁରୁବାର, ୨୫, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିସ୍ ଛାତ୍ରୀ ଜାମିନୀ ଚୁକଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର୍

ଭୁବନେଶ୍ୱର, (ପି.ଏନ): କିସ୍ ଏକ ବିଶ୍ୱବିଦ୍ୟାଳୟ ହୋଇପାରିଥିବାରୁ ଜନଜାତି ତଥା ଦୁର୍ବଳ ଜନଜାତି ବର୍ଗର ବହୁ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇପାରୁଛନ୍ତି। ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କିସ ବିଶ୍ୱବିଦ୍ୟାଳୟ ଛାତ୍ରୀ ଜାମିନୀ ଝାଙ୍କର। ସେ ଚକୁଟିଆ ଭୁଞ୍ଜିଆ ଜନଜାତି ସମ୍ପ୍ରଦାୟର ପ୍ରଥମ ରିସର୍ଚ୍ଚ ସ୍କଲାର ହେବାର ଗୌରବ ଅର୍ଜନ କରିଛନ୍ତି। ଜାମିନୀ କିସ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ ଯୋଗ ଦେଇଥିଲେ। କିସ୍ ବିଶ୍ୱବିଦ୍ୟାଳୟରୁ ସେ ତାଙ୍କର ଗବେଷଣା ସଫଳତାର ସହ ଶେଷ କରି ପିଏଚଡ଼ି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାମିନୀ ହେଉଛନ୍ତି ଚକୁଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର। ସେ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ। ବାପା ବିଜୟ ଝାଙ୍କର ଓ ମାଆ ବୈଦେହୀଙ୍କ ଶିକ୍ଷା ପ୍ରତି ସଚେତନତା ଯୋଗୁଁ ଜାମିନୀଙ୍କ ସହ ଅନ୍ୟ ୬ ଭଉଣୀ ମଧ୍ୟ ଏବେ ଶିକ୍ଷାରତ। ଜାମିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ,



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜାମିନୀ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଶୀର୍ବାଦ ନେଇଥିଲେ। ଶ୍ରୀ ସାମନ୍ତ ଜାମିନୀଙ୍କ ସଫଳତାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂଆପଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଘେରା ଏକ ଦୁର୍ଗମ ଗାଁ ସାନବାହାଲିର ଝିଅ ଜାମିନୀ ଆଜି ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କିସ୍ ହେଉଛି ବିଶ୍ୱର ସର୍ବବହୃତ ଜନଜାତି ଅନୁଷ୍ଠାନ। କିସ୍ ହେଉଛି ଏକ ବିଦ୍ୟାଳୟ, ଏକ ମହାବିଦ୍ୟାଳୟ ଓ ଏକ ବିଶ୍ୱବିଦ୍ୟାଳୟ। କିସ୍‌ରେ ପାଠପଢି ବହୁ ଗରିବ ଜନଜାତି ଛାତ୍ରଛାତ୍ରୀ ଆଜି ଡ଼ାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଓଏଏସ ଓ ଓଜେଏସ୍ ହୋଇପାରିଥିବା ବେଳେ ଅନେକ ଛାତ୍ରଛାତ୍ରୀ ଆଇଆଇଟି, ଏନଆଇଟି, ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି। ଶିକ୍ଷା ବ୍ୟତିରେକ କିସ୍‌ର ଛାତ୍ରଛାତ୍ରୀମାନେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣି ଦେଉଛନ୍ତି। ଜାମିନୀ ନିଜ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ଗାଇଡ୍ ଡ. ରଶ୍ମି ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ଏସଭିଏମ୍ କଲେଜରେ ଅଳକା ଆଶ୍ରମ ପକ୍ଷରୁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା



ଜଗତସିଂହପୁର,(ପି ଏନ): ନିଶା ଠାରୁ ଯୁବ ପିଢିକୁ ଦୂରେଇ ରଖି ସେମାନଙ୍କୁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଦେବା ଉଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଏସଭିଏମ୍‌ଡେ କଲେଜରେ ଏକ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ଦ. ସୁଜାତା ଓତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଯୁବ ଆଇପିଏସ ଅଧିକାରୀ ତଥା ଜଗତସିଂହପୁର ଏସଡ଼ିପିଓ ଆଜିଙ୍କ୍ୟ ମାନେ ବାବୁରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଦେଶର ସର୍ବବୃହତ ଶକ୍ତି ହେଉଛନ୍ତି ଯୁବସମାଜ । ଜୀବନରେ ସଫଳତା ଏବଂ ବିଫଳତା ଆସିବା ସ୍ୱାଭାବିକ । ତେଣୁ ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ଏବଂ ଯୁବକ ଯୁବତୀ ମାନେ ଧର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ଏସଡ଼ିପିଓ ଶ୍ରୀ ମାନେ ପରାମର୍ଶ ଦେଇଥିଲେ। ଏଥିସହିତ ଏକ ଭୟମୁକ୍ତ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ପୋଲିସର ସହଯୋଗ ରହିଛି ଏବଂ ଆଗକୁ ମଧ ଏହା ଜାରୀରହିବ ବୋଲି ଏସଡ଼ିପିଓ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ନିଜେ ନିଶା ସେବନରୁ ଦୁରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀ ମାନେ ଶପଥ ଗ୍ରହଣ କରିଥିଲେ । ସେହିପରି ଜ଼ୀଲ୍ଲା ମୁଖ୍ୟ ଚ଼ିକିତ୍ସାଳୟର ବରିଷ୍ଠ ଚ଼ିକିତ୍ସକ ଡା ସରୋଜ କୁମାର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଶାସେବନର କୁପରିଣତି ଏବଂ ଭୟାବହତା ସମ୍ପର୍କରେ ଆଲୋଚ଼ନା କରିଥିଲେ । ବିଭିନ୍ନ ପ୍ରକାର ନିଶା ସେବନ ଶରୀର ଉପରେ କଣ ପ୍ରଭାବ ପକାଇଥାଏ ସେ ସମ୍ପର୍କରେ ଡା ଜେନା ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହିତ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଳକା ଆଶ୍ରମର ବରିଷ୍ଠ କର୍ମକର୍ତ୍ତା ଶିକ୍ଷ୍ୟାବିତ ବିଜୟ କୁମାର ରଥ ଅଳକା ଆଶ୍ରମର ଇତିହାସ ଏବଂ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସୂଚ଼ନା ଦେଇଥିଲେ । ସେହିପରି ଅଧକ୍ଷା ଶ୍ରୀମତୀ ଓତ୍ତା ଅଳକା ଆଶ୍ରମ ପକ୍ଷରୁ ଏଭଳି କର୍ମଶାଳା ଆୟୋଜନ ପାଇଁ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏଥିରେ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢ଼ି ତୋଳିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ଏବଂ ଦିଲ୍ଲୀପ କୁମାର ମୁଦୁଲି ସମସ୍ତ କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ ।

# ଗଜପତିରେ ଶିଶୁ ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଆଇଟିଡିଏ ସମ୍ମିଳନୀ କକ୍ଷଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରେମ ଆନୁକୁଲ୍ୟରେ ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଡକୋ ଓ ଜିଲ୍ଲା ଶିଶୁ ସୁରକ୍ଷା କମିଟି ମିଳିତ ଆନୁକୁଲ୍ୟରେ ପ୍ରେମର ନିର୍ଦ୍ଦେଶକ ଡ. ଜାକୋବ୍ ଥୁଣ୍ଡେଲଂକ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଏଡୁକୋର ପ୍ରତିନିଧି ଗୁରୁପ୍ରସାଦ ରାଓ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ,ଗୁମ୍ମା ବ୍ଲକର ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ଚ଼ଆରକ୍ଷୀ ଏସ୍.ଆଇ. ରୀନାରାଣୀ ସାହୁ ମଂଚ଼ାସୀନ ଥିଲେ ।ବକ୍ତାମାନେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ତଥା ଶିଶୁ ମାନଂକ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବୁଝାଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏସ୍.ଡବ୍ଲ୍ୟୁ.ଡବ୍ଲ୍ୟୁ.ଏସ୍.ର ସଭାପତି ଡ.ଡି.ଜଗନ୍ନାଥ ରାଜୁ,ସିସିଡିର ସଂପାଦକ ଏ.ଜଗନ୍ନାଥ ରାଜୁ, ଜନକଲ୍ୟାଣ ପ୍ରତିଷ୍ଠାନର ସଂପାଦକ ଦୂର୍ଗା ମାଧବ ପଣ୍ଡା,ସମାଜସେବୀ ଭାଗବତ ପାଢୀ ନିଜର ମନ୍ତବ୍ୟ ଦେଇଥିଲେ ।ଅତିଥି ମାନେ ଅଂଶଗ୍ରହଣକାରୀଙ୍କ ସନ୍ଦେହ ଦୂର କରିଥିଲେ ।ଶେଷରେ ପ୍ରେମର ଲୋକସଂପର୍କ ଅଧିକାରୀ ରତନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ଜିଲ୍ଲାର ପଂଚ଼ାୟତ ପ୍ରତିନିଧି,ଶିଶୁ ସୁରକ୍ଷା କମିଟିର ସଦସ୍ୟ,ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ ।ପ୍ରେମର କର୍ମୀ ସୁଧୀର ମଂଚ଼ ପରିଚ଼ାଳନା କରିଥିଲେ ।

# ଆଇବାର ସାଧାରଣ ନିର୍ବାଚନ

ଭୁବନେଶ୍ୱର,(ପି.ଏନ): ଗତ ତା. ୨୧ ସେପ୍ଟେମ୍ବର ୨୦୨୫ରିଖରେ ଆସୋସିଏସନ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଏଣ୍ଟରପ୍ରେନର (ଆଇବା)ର ୩୮ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ ଭୁବନେଶ୍ୱରର ଆଇବା ସଭାଗୃହରେ ଅପରାହ୍ଣ ୫ ଘଟିକା ସମୟରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ନୂତନ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ସର୍ବଶ୍ରୀ ଅଲି କିଶୋର ପଟ୍ଟନାୟକ, ଉପ-ସଭାପତି-ଶ୍ରୀ ସୁଧୀର ବାନାର୍ଜୀ, ଉପସଭାପତି(ପିଆର୍) ଶ୍ରୀ ନିମାଇଁ ଚରଣ ଦାସ, ସାଧାରଣ ସଂପାଦକ - ଡକ୍ଟର ସଞ୍ଜୀବ ମହାପାତ୍ର ଓ ଟ୍ରେଜରର ଭାବେ ଶ୍ରୀ ମନ୍‌ଜିତ୍ ସିଂହଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ନୂତନ ଭାବେ ନିର୍ବାଚିତ




ହୋଇଥିବା କର୍ମକର୍ତ୍ତାମାନେ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ସହ ବିଭିନ୍ନ ପ୍ରକାର ସମସ୍ୟାର କିପରି ସୂଚାରୁରୂପେ ସମାଧାନ ହୋଇପାରିବ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଏହି ସଭାରେ ଦୁଇଜଣ ଫାଉଣ୍ଡର ସଦସ୍ୟ ଯଥା ସ୍ୱର୍ଗତ ବିଦ୍ୟୁତ୍ କୁମାର ମହାନ୍ତି ଓ ସ୍ୱର୍ଗତ ଏସ୍.ଆର୍. ମହାନ୍ତିଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ସେମାନଙ୍କର ଧର୍ମପତ୍ନୀ ଅସୀମା ମହାନ୍ତି (ସ୍ୱର୍ଗତ ବିଦ୍ୟୁତ୍ କୁମାର ମହାନ୍ତିଙ୍କ ଧର୍ମପତ୍ନୀ) ଓ ସୁପ୍ରଭା ମହାନ୍ତି (ସ୍ୱର୍ଗତ ଏସ୍ ଆର୍ ମହାନ୍ତିଙ୍କ ଧର୍ମପତ୍ନୀ) ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଶେଷରେ ସାଧାରଣ ସଂପାଦକ ଡକ୍ଟର ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ।

# ବିଶ୍ୱ ହୃଦୟ ଦିବସ: ରାଉରକେଲାର ହୃଦୟ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଚ଼ାବି

ରାଉରକେଲା, (ପି.ଏନ): ବିଶ୍ୱ ହୃଦୟ ଦିବସ ଯେତିକି ପାଖେଇ ଆସୁଛି, ରାଉରକେଲା ଡାକ୍ତରମାନେ ଏକ ସୁସ୍ଥ ହୃଦୟ - ପୁଷ୍ଟିକର ଖାଦ୍ୟ ପାଇଁ ସବୁଠାରୁ ଶକ୍ତିଶାଳୀ ତଥାପି ଅବହେଳିତ ଉପକରଣଗୁଡ଼ିକ ଉପରେ ଦୃଷ୍ଟି ଆକର୍ଷଣ କରୁଛନ୍ତି । ଭାରତରେ ମୃତ୍ୟୁହାରର ଏକ ପ୍ରମୁଖ କାରଣ ଭାବରେ ହୃଦ୍‌ରୋଗଗୁଡିକ ଉତ୍ପନ୍ନ ହେବା ସହିତ ଜୀବନଶ lifestyle ରେ ପରିବର୍ତ୍ତନ, ବିଶେଷକରି ଖାଦ୍ୟ, ପ୍ରତିରୋଧର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ଭାବରେ ମାନ୍ୟତା ପାଇଲା ।ରାଉରକେଲାରେ, ଶିଳ୍ପ ଗତି ଏବଂ କାର୍ଯ୍ୟ ସଂସ୍କୃତି ପାଇଁ ଜଣାଶୁଣା ସହର, ଉଚ୍ଚ ରକ୍ତଚ଼ାପ, ମେଦବହୁଳତା ଏବଂ ମଧୁମେହ ସହିତ ଜଡିତ ସ୍ୱାସ୍ଥ୍ୟ ଚ଼ିନ୍ତା ବ ିବାରେ ଲାଗିଛି । ଏହି ଧାରାରେ ଖାଦ୍ୟ ଅଭ୍ୟାସ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାଏ ବୋଲି ଡାକ୍ତରମାନେ କହିଛନ୍ତି। ଫାଷ୍ଟଫୁଡ୍ ଆଉଟଲେଟ୍, ପ୍ରକ୍ରିୟାକୃତ ସ୍ନାକ୍ସ ଏବଂ ଉଚ୍ଚ ଲୁଣିଆ ଖାଦ୍ୟ ଅଧିକ ସାଧାରଣ ହୋଇଗଲାଣି । ଏହି ଖାଇବା ସ୍ୱ ।ଞ୍ଚାଗୁଡ଼ିକ, ଯେତେବେଳେ ଏକ ବସିବା ଜୀବନଶ lifestyle ଏବଂ a stress ଥିବା ଚ଼ାପ ସ୍ତର ସହିତ ମିଳିତ ହୁଏ, ସହରର ହୃଦୟ ସ୍ୱାସ୍ଥ୍ୟ ଉପରେ ବହୁତ କଷ୍ଟ ଦେଇଥାଏ । ବିଶେଷଜ୍ଞମାନେ ଜୋର



ଦେଇଛନ୍ତି ଯେ ପ୍ରତିରୋଧ ଜଟିଳ ନୁହେଁ - ଏହା ପ୍ଲେଟରେ ଯାହା ଯାଏ ତାହା ଆରମ୍ଭ ହୁଏ । ପୁରା ଶସ୍ୟ, ମ ବକ୍ଷ ସୁମୀ ଫଳ, ପନିପରିବା, ଡାଲି, ବାଦାମ, ଏବଂ ମଞ୍ଜିରେ ଭରପୂର ଏକ ଖାଦ୍ୟ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିବା ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆଣିବା ପ୍ରମାଣିତ ହୋଇଛି । ସବୁଜ ପତ୍ରଯୁକ୍ତ ପନିପରିବା, ମିଲେଟ, ଏବଂ ମସୁର ଡାଲି ପରି ସ୍ଥାନୀୟ ଭାବରେ ଉପଲବ୍ଧ ବିକଳ୍ପଗୁଡ଼ିକ ସହଜରେ ଦ ୟବସକ୍ଷଛ ନନ୍ଦିନ ଭୋଜନରେ ଏକତ୍ର ହୋଇପାରିବ । ଏଥି ସହିତ, ଗଭୀର-ଭଜା ଖାଦ୍ୟ, ନାଲି ମାଂସ, ଚ଼ିନିଯୁକ୍ତ ପାନୀୟ ଏବଂ ଅତ୍ୟଧିକ ଲୁଣକୁ ସୀମିତ ରଖିବା ଧମନୀରେ ଦୀର୍ଘକାଳୀନ କ୍ଷତି ନହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ।
ଆପୋଲୋ ହସ୍ପିଟାଲ୍ ରାଉରକେଲା, ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ W Dr. ମିଲାନ ସତ୍ୟପାଥୀ ସ୍ପଷ୍ଟ କରିଛନ୍ତି: 'ପୁଷ୍ଟିକର ଖାଦ୍ୟ ହୃଦୟ ପାଇଁ ପ୍ରଥମ ଙ୍କରୟସମସଭର ଷଧ ଅଟେ। ପ୍ରତ୍ୟେକ ଅତିରିକ୍ତ ଚ଼ାମଚ଼ ଲୁଣ, ପ୍ରତ୍ୟେକ ଭଜା ସ୍ନାକ୍ସ, ପ୍ରତ୍ୟେକ ଶର୍କରା ପାନୀୟ ଧମନୀ ଉପରେ ଚ଼ାପ ବ .ାଇଥାଏ। ରାଉରକେଲାରେ ଲୋକମାନେ ଚ଼ାପଗ୍ରସ୍ତ, ବ୍ୟସ୍ତବହୁଳ ଜୀବନଯାପନ କରନ୍ତି ଏବଂ ଖାଦ୍ୟ ଶୀଘ୍ର ଠିକ୍ ହୋଇଯାଏ। କିନ୍ତୁ ଏହି ସର୍ଟକଟ୍ ଗୁଡିକ ହୃଦୟକୁ ଚୁପଚ଼ାପ୍ କ୍ଷତି ପହଞ୍ଚାଇଥାଏ। ଅସୁସ୍ଥତା ଆଜି ଏକ ସୁସ୍ଥ ପ୍ଲେଟର ଅର୍ଥ ଆସନ୍ତାକାଲି ଏକ ଶକ୍ତିଶାଳୀ ହୃଦୟ । ସେ ଆହୁରି ମଧ କହିଛନ୍ତି ଯେ ପୁଷ୍ଟିକର ଖାଦ୍ୟ କେବଳ କ୍ଷତିକାରକ ଖାଦ୍ୟରୁ ଦୂରେଇ ରହିବା ନୁହେଁ ବରଂ ସ୍ୱାସ୍ଥ୍ୟକର ପରମ୍ପରାକୁ ଗ୍ରହଣ କରିବା ବିଷୟରେ। 'ଆମର ଜେଜେବାପାମାନେ ବକ୍ଷ ତୁକାଳୀନ ଉତ୍ପାଦ, ଘରେ ରନ୍ଧା ଖାଦ୍ୟ ଏବଂ ସନ୍ତୁଳିତ ଖାଦ୍ୟ ଉପରେ ନିର୍ଭର କରୁଥିଲେ। ସେହି ଜ୍ଞାନ ଆଜି ମଧ ପ୍ରାସଙ୍ଗିକ ଅଟେ। ସମସ୍ୟାଟି ସଚେତନତାର ଅଭାବ ନୁହେଁ, ବରଂ ସ୍ଥିର ରହିବାକୁ ଅକ୍ଷମତା। ଯଦି ରାଉରକେଲାରେ ଥିବା ପ୍ରତ୍ୟେକ ପରିବାର ପୁଷ୍ଟିକର ଖାଦ୍ୟକୁ ପ୍ରାଥମିକତା ଦେଇପାରନ୍ତି, ତେବେ ଆମେ ହୃଦରୋଗର ଭାରକୁ ହ୍ରାସ କରିପାରିବା।'
ରାଉରକେଲା ଡାକ୍ତରମାନେ ମଧ ଛୋଟ, ବ୍ୟବହାରିକ ପରିବର୍ତ୍ତନକୁ ସୁପାରିଶ କରନ୍ତି ଯାହା ବ୍ୟକ୍ତିମାନେ ସେମାନଙ୍କର ଜୀବନଶ lifestyle ରେ Kally ଣସି ପରିବର୍ତ୍ତନ ନକରି ଗ୍ରହଣ କରିପାରିବେ । ବିଶୋଧିତ ମଇଦା ଉପରେ ସମ୍ପୂର୍ଣ୍ଣ ଗହମ, ଭଜା ବଦଳରେ ଭଜା ସ୍ନାକ୍ସ, ପର୍ଯ୍ୟାପ୍ତ ହାଇଡ୍ରେସନ୍ ସୁନିଶ୍ଚିତ କରିବା ଏବଂ ମଦ୍ୟପାନକୁ ନିୟନ୍ତ୍ରଣ କରିବା ସରଳ ତଥାପି ଶକ୍ତିଶାଳୀ ପଦକ୍ଷେପ । ସମ୍ପ୍ରଦାୟ ସ୍ତରୀୟ ହସ୍ତକ୍ଷେପ, ଯେପରିକି ବିଦ୍ୟାଳୟ ଏବଂ କର୍ମକ୍ଷେତ୍ରରେ ସୁସ୍ଥ ଖାଦ୍ୟ ବିକଳ୍ପକୁ ପ୍ରୋତ୍ସାହିତ କରିବା, ଏକ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ ଯାହା ଉତ୍ତମ ପୁଷ୍ଟିକର ଖାଦ୍ୟକୁ ସମର୍ଥନ କରେ ।ଏହି ବିଶ୍ୱ ହୃଦୟ ଦିବସ, ବାର୍ତ୍ତା strongly ଭାବରେ ସ୍ୱର ଉଠାଏ - medicine ଚ଼ିକିତ୍ସା କରିପାରିବ, କିନ୍ତୁ ପୁଷ୍ଟିକର ଖାଦ୍ୟ ପ୍ରତିରୋଧ କରେ । ରାଉରକେଲା ପରି ଏକ ସହର ପାଇଁ, ଯେଉଁଠାରେ ଆଧୁନିକ ଜୀବନଶ କ୍ଷରସ୍ୱ ଳୀ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି, ଖାଦ୍ୟ ପସନ୍ଦ ସବୁଠାରୁ ପ୍ରଭାବଶାଳୀ ସୁରକ୍ଷା ହୋଇପାରେ ଢ଼ ଏକ ସନ୍ତୁଳିତ ଖାଦ୍ୟ କେବଳ ଅଧିକ ଦିନ ବଞ୍ଚିବା ବିଷୟରେ ନୁହେଁ, ବରଂ ଭଲ ଜୀବନଯାପନ ବିଷୟରେ - ଏକ ହୃଦୟ ସହିତ strong, ସ୍ଥିର ଏବଂ ଆସନ୍ତାକାଲିର ଆହ୍ ଲକ୍ସ୍କ ।ନ ପାଇଁ ପ୍ରସ୍ତୁତ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray